
ଶନିବାର, ୬ ଡିସେମ୍ବର, ୨୦୨୫

# ପିଲାଙ୍କ ଧରିତ୍ରୀ



୬ ଜଣା ଅଜଣା

୬ କହିଲ ଦେଖି

ଶିଶୁ ପ୍ରତିଭା ୬

# ମହୁମାଛିର ଦୁଃଖ


ଗପ

ଶୀତଦିନେ କ୍ଷେତରେ ଫୁଟିଥିବା ସୁନ୍ଦର ହଳଦୀ ରଙ୍ଗର ସୋରିଷ ଫୁଲ ପାଖକୁ ପ୍ରତିଦିନ ମହୁମାଛିଟିଏ ଆସୁଥିଲା ଏବଂ ଫୁଲରୁ ବାହାରୁଥିବା ମିଠାରସ ଖାଇ ଆନନ୍ଦ ମନରେ ଉଡ଼ି ଯାଉଥିଲା। ତେଣୁ ସେହି ମହୁମାଛି ସହ ସୋରିଷ ଫୁଲର ଅତି ନିବିଡ଼ ସମ୍ପର୍କ ଗଢ଼ି ଉଠିଥିଲା। ସେମାନେ ପରସ୍ପରକୁ ସାଙ୍ଗ ବୋଲି ଡାକୁଥିଲେ।

ଦିନକର ଘଟଣା, ମହୁମାଛିଟି ସେଦିନ ସୋରିଷ ଫୁଲ ପାଖକୁ ଆସିଲା ନାହିଁ। ସୋରିଷ ଭାବିଲା ହୁଏତ ମହୁମାଛି କୌଣସି କାମରେ ବ୍ୟସ୍ତ ରହିଯାଇଥିବ। ତା' ପରଦିନ ମଧ୍ୟ ମହୁମାଛି ଆସିଲା ନାହିଁ। ନିଜ ସାଙ୍ଗକୁ ଅପେକ୍ଷା କରି କରି ସୋରିଷ ଫୁଲ ମନ ଦୁଃଖରେ ଝାଉଁଳି ପଡ଼ିଲା। ଏମିତି ୫ ଦିନ ବିତିଯିବା ପରେ ମହୁମାଛି ଆସି ପହଞ୍ଚିଲା। ନିଜ ସାଙ୍ଗକୁ ପାଖରେ ପାଇ ସୋରିଷ ଫୁଲ ବହୁତ ଖୁସିହେଲା କିନ୍ତୁ ସେ ଦେଖିଲା ମହୁମାଛି ଆଗପରି ଆଉ ଖୁସି ନାହିଁ। ଦୁଃଖରେ ମନ ମାରି ମହୁମାଛିଟି ବସି ରହିଥିଲା। ସୋରିଷ ପଚାରିଲା ; ସାଙ୍ଗ କ'ଣ ହେଇଛି ତୋର ? ତୁ ଏତେଦିନ ଯାଏଁ କେଉଁଠି ଥିଲୁ ? ଜାଣିଛୁ ତତେ ଝୁରି ଝୁରି ମୁଁ କେତେ କଷ୍ଟ ପାଇଛି। ଏହାଶୁଣି ମହୁମାଛି ବହୁ ଜୋରରେ କାନ୍ଦିବାକୁ ଲାଗିଲା ଏବଂ କହିଲା ସାଙ୍ଗ ମତେ ତୁ କ୍ଷମା କରିଦେ। ମୁଁ ଆଉ ଆଜିଠୁ ତୋ ପାଖକୁ ଆସିବି ନାହିଁ। ଏଇଟା ଆମର ଶେଷ ଦେଖା।

ଏକଥା ଶୁଣିବା ପରେ ସୋରିଷ ଫୁଲର ଛାତି ଫାଟିଗଲା ଆଉ ସେ କହିଲା ; କ'ଣ ପାଇଁ ସାଙ୍ଗ ? ତୁ କାହିଁକି ଆସିବୁନି ? କ'ଣ ଅସୁବିଧା ହୋଇଛି ମତେ କହ। ତା' ପରେ ମହୁମାଛି କହିଲା ତା' ଘର ଯେଉଁ ଗଛରେ ଥିଲା ସେଠାରେ ଲୋକମାନେ ଆସି କାରଖାନା କରିବା ପାଇଁ ଗଛ କାଟିଦେଲେ। ତେଣୁ ତା' ଘର ଭାଙ୍ଗି ଯାଇଛି, ଭାଇ ଭଉଣୀମାନଙ୍କ ମଧ୍ୟରୁ କିଛି ମରି ଯାଇଛନ୍ତି ଆଉ କିଛି କେଉଁ ଆଡ଼େ ପଳେଇଛନ୍ତି। ମହୁମାଛି କହିଲା ଯେଉଁ ପ୍ରକୃତି ଆମକୁ ସୃଷ୍ଟି କରିଛି ଏବଂ ନିଜ କୋଳରେ ରଖି ସୁରକ୍ଷା ଦେଉଛି ସେହି ପ୍ରକୃତିକୁ ମଣିଷ ଆଜି ନଷ୍ଟ କରି ଦେଉଛି, ଯାହାର ପ୍ରଭାବରେ ଆମ ଜୈବ ବିବିଧତା ଦିନକୁ ଦିନ କମି ଯାଉଛି। ଏହି କାରଣ ଯୋଗୁ ଅନେକ ଜୀବ ଲୋପ ପାଇ ଗଲେଣି। ତେଣୁ ମୁଁ ନିଷ୍ପତ୍ତି ନେଇଛି ଏହି ମଣିଷ ପାଖରୁ ବହୁ ଦୂରକୁ ଚାଲିଯିବି। ମହୁମାଛିର ଦୁଃଖକଥା ଶୁଣି ସୋରିଷ ଫୁଲ ମଧ୍ୟ ଭେଁ ଭେଁ ହୋଇ କାନ୍ଦିଲା ଆଉ କହିଲା ; ସାଙ୍ଗ ତୁ ଯଦି ମୋଠାରୁ ଦୂରେଇ ଯିବୁ ତେବେ ମୁଁ ବି ମରିଯିବି କାରଣ ତୋରି ପାଇଁ ହିଁ ମୁଁ ନିଜର ପରାଗ ରେଣୁକୁ ଅନ୍ୟ ଫୁଲ ପାଖକୁ ପଠାଇ ପାରୁଛି ଯାହାଦ୍ୱାରା ମୋର ବଂଶ ବୃଦ୍ଧି ହେଉଛି। ତୁ ଚାଲିଗଲା ପରେ ମୋ ସଂଖ୍ୟା ମଧ୍ୟ ଧୀରେ ଧୀରେ କମିଯିବ। ଆମେ ମଣିଷ ପାଇଁ କେତେ କ'ଣ ସାହାଯ୍ୟ କରୁଛୁ କିନ୍ତୁ ସିଏ ଆମ ମୂଲ୍ୟକୁ ବୁଝି ପାରୁନି। ମହୁମାଛି କହିଲା ଜାଣିଛୁ ସାଙ୍ଗ ମଣିଷ ଏବେ ଆଧୁନିକତାର ମାୟାରେ ଅନ୍ଧ ହୋଇ ପ୍ରକୃତି ସହ ଖେଳୁଛି ଯାହା ଫଳରେ ଆଗପରି ଆଉ ଋତୁଚକ୍ର ବଦଳୁ ନାହିଁ, ପରିବେଶ ଏବେ ଧ୍ୱଂସ ମୁହଁରେ। ଏହାର ଫଳ ସ୍ୱରୂପ ଏବେ ବନ୍ୟା, ବାତ୍ୟା, ଭୂମିକମ୍ପ ପରି ବିପର୍ଯ୍ୟୟ ଆମ ପାଖକୁ ମାଡ଼ି ଆସୁଛି। ମଣିଷ ଏବେ ଅନ୍ୟ ଗ୍ରହରେ ଘର କରିବା କଥା ଭାବୁଛି କିନ୍ତୁ ନିଜେ ରହୁଥିବା ଘରକୁ ସଜାଡୁ ନାହିଁ। ସିଏ ଜାଣି ପାରୁନି ଯେ ନିଜ ହାତରେ ନିଜର ହିଁ ସର୍ବନାଶ କରୁଛି। ଏହି କଥା କହି ଦୁହେଁ ପରସ୍ପରକୁ ଧରି କାନ୍ଦିଲେ। ଚାହୁଁ ଚାହୁଁ ସନ୍ଧ୍ୟାବେଳ ଆସିଯାଇଥିଲା। ଇଚ୍ଛା ନ ଥିଲେ ମଧ୍ୟ ଆଖିରୁ ଲୁହ ଗଡ଼ାଇ ମହୁମାଛି ତା'ର ଅତିପ୍ରିୟ ସାଙ୍ଗ ସୋରିଷ ଫୁଲ ପାଖରୁ ବିଦାୟ ନେଲା। ଗଲାବେଳେ ମଣିଷକୁ ହାତଯୋଡ଼ି କହିଲା ; ଯଦି ସତରେ ତୁମେ ପୃଥିବୀ ମା'ର ସନ୍ତାନ ତେବେ ନିଜ ମା'ର ଦୁଃଖକୁ ବୁଝ ଏବଂ ତାକୁ ସୁରକ୍ଷା ଦିଅ। ନ ହେଲେ ଆଗକୁ ଯେତେ ଭାବିଲେ ବି କିଛି ନ ଥିବ !

– **ଅଧ୍ୟାପକ ରାଜେଶ ରାୟ**
ଜୟପୁର, କୋରାପୁଟ
ମୋ: ୬୩୭୧୫୫୫୯୪୦



## ଖିଲି ଖିଲି ହସ

*ରାଜୁ: ଭାଇ, ଆଜି ମୋ ମଇଁଷି ଅଣ୍ଡା ଦେଇଛି।
ବିଜୁ: ଆରେ, ରାଜୁ କେବେ ଠାରୁ ମଇଁଷି ଅଣ୍ଡା ଦେଲେଣି ! ମୁଁ ତ କାଇଁ ଜାଣିନି ?
ରାଜୁ: ଆରେ, ବିଜୁ ମୋ କୁକୁଡ଼ା ନାଁ ମଇଁଷି ଦେଇଥିଲି।

*ପେଟ୍ରୋଲ ଦାମ୍ ବଢ଼ିବା ପରେ ଦାମବାବୁ ବାଇକ ନେଇ ପେଟ୍ରୋଲ ପମ୍ପ ଗଲେ। ସେଲ୍‌ସମ୍ୟାନ୍– ଆଜ୍ଞା, କେତେ ଟଙ୍କାର ପେଟ୍ରୋଲ ଭରିବି ?
ଦାମବାବୁ– ଭାଇ, ୨–୪ଟଙ୍କାର ପେଟ୍ରୋଲ ଗାଡି ଉପରେ ଛିଞ୍ଚି ଦିଅ ଆକୁ ନିଆଁ ଲଗାଇ ଦେବି।

* ଜଣେ ମହିଳା ବ୍ୟାଙ୍କ ଯାଇ କହିଲେ ମୋର ଜଏଣ୍ଟ ଆକାଉଣ୍ଟ ଖୋଲିବାର ଅଛି। ବ୍ୟାଙ୍କ କର୍ମଚାରୀ– ଆପଣଙ୍କ ସ୍ୱାମୀଙ୍କ ସହ ଖୋଲିବେ ତ ?
ମହିଳା– ନା, ଯାହା ଆକାଉଣ୍ଟରେ ଅଧିକ ଟଙ୍କା ଅଛି ତା' ସହ ଖୋଲିବି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ଜାତୀୟସ୍ତରୀୟ ଚିତ୍ରଶିଳ୍ପୀ ହେବାକୁ ଲକ୍ଷ୍ୟ ରଖିଛି



ଶିଶୁ ପ୍ରତିଭା

କୋଭିଡ୍ ମହାମାରୀ ସମୟରେ ବିଦ୍ୟାଳୟ, କୋଚିଂ, ଘରୋଇ ଟିୟୁଶନ ସବୁକିଛି ବନ୍ଦ ହୋଇଯାଇଥିବା ବେଳେ ଅନ୍‌ଲାଇନ୍ କ୍ଲାସ୍ ପାଇଁ ସ୍କୁଲ ପିଲାମାନଙ୍କର ମୋବାଇଲ ସହିତ ବେଶି ଘନିଷ୍ଠତା ବଢ଼ିଥିଲା। ପାଠ ପଢ଼ା ବ୍ୟତୀତ ପିଲାମାନେ ଖେଳିବାଠୁ ଆରମ୍ଭ କରି ମନୋରଞ୍ଜନ ପାଇଁ ମୋବାଇଲ୍ ଫୋନ୍‌ରେ ଅଧିକ ସମୟ ବିତାଉଥିବା ବେଳେ ସେ କିନ୍ତୁ ମୋବାଇଲରେ ସୋସିଆଲ୍ ମିଡିଆରୁ ଆରମ୍ଭ କରିଥିଲେ ଡ୍ରଇଁ ଶିଖିବା। ଧୀରେ ଧୀରେ ଚିତ୍ରାଙ୍କନରେ ସେ ନିଜର ଦକ୍ଷତା ବିକଶିତ କରିବାର ସୁଯୋଗ ପାଇଲେ। ଆଉ ଚଳିତବର୍ଷ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ହୋଇ ନିଜ ସୃଜନଶୀଳ ପ୍ରତିଭାର ପରିଚୟ ଦେଇପାରିଛନ୍ତି କଟକ ଜିଲା ଡମପଡ଼ା ବ୍ଲକ ଅନ୍ତର୍ଗତ ପଦନପୁର ଗ୍ରାମର ମାଆ ଉମାରାଣୀ ଏବଂ ବାପା ଅମ୍ବିକା ପ୍ରସାଦ ମହାରଣାଙ୍କ ଏକମାତ୍ର ଝିଅ ସିମ୍ରନ୍। ବର୍ତ୍ତମାନ ସେ ଗୋବିନ୍ଦପୁର ସରକାରୀ ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ। ପିଲାଟି ଦିନୁ ଫାଙ୍କା ସମୟ ପାଇଲେ ସେ ଖାତା ଆଉ ପେନ୍‌ସିଲ୍ ଧରି ଚିତ୍ର ଆଙ୍କି ବସନ୍ତି। ନଈ, ପର୍ବତ, ଝରଣା, ଫୁଲ ଆଉ ପ୍ରଜାପତି ଭଳି ପ୍ରକୃତିର ସୁନ୍ଦର ଦୃଶ୍ୟ, ଦେବଦେବୀଙ୍କ ଚିତ୍ର ଆଙ୍କିବା ସହ ପେନ୍‌ସିନ୍ ସ୍କେଚ୍ ଏବଂ ଥ୍ରୀଡି ପେଣ୍ଟିଂରେ ସେ ମାହିର। ବର୍ତ୍ତମାନ ସୁଦ୍ଧା ସେ ଜିଲାସ୍ତରୀୟ ଶିଶୁ ମହୋତ୍ସବ, ମଣ୍ଡଳ ସ୍ତରୀୟ ଶିଶୁ ଉତ୍ସବ, ଜିଲାସ୍ତରୀୟ କଳା ଉତ୍ସବ ସମେତ ଅନେକ ସ୍ଥାନରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ଏହା ବ୍ୟତୀତ ବକ୍ତୃତା ଏବଂ ପ୍ରବନ୍ଧ ଲିଖନରେ ମଧ୍ୟ ସେ ଅନେକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ବ୍ୟାଡ୍‌ମିଣ୍ଟନ୍ ଏବଂ ଚେସ୍ ଖେଳିବାରେ ବି ତାଙ୍କର ରୁଚି ରହିଛି। ବର୍ତ୍ତମାନ ସୁଦ୍ଧା ସେ ୫୦୦ରୁ ଅଧିକ ପେଣ୍ଟିଂ କରି ପାଖରେ ରଖିଛନ୍ତି ଏବଂ ଦଶମ ପରୀକ୍ଷା ପରେ ଏହାକୁ ନେଇ ଏକ ପ୍ରଦର୍ଶନୀ କରିବାକୁ ଯୋଜନା ରଖିଛନ୍ତି। ଭଲ ଚିତ୍ର ଆଙ୍କିବା ସହ ସେ ଜଣେ ମେଧାବୀ ଛାତ୍ରୀ ମଧ୍ୟ। ଶ୍ରେଣୀ ପରୀକ୍ଷାରେ ୯୫%ରୁ ଊର୍ଦ୍ଧ୍ୱ ମାର୍କ ରଖୁଥିବା ସିମ୍ରନ୍ ଦଶମ ବୋର୍ଡ ପରୀକ୍ଷାରେ ଅଧିକ ଭଲ କରିବା ସହ ଆଗକୁ ଆହୁରି ଭଲ ପାଠ ପଢ଼ି ଭବିଷ୍ୟତରେ ଜଣେ ଆଇଏଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଛନ୍ତି। – **ସୁବ୍ରତ ନାୟକ**




## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com





# ସଫଳତା ପାଇଁ..

**ଆଜିକାଲି ପ୍ରାୟ ପିଲା ପାଠପଢ଼ା ଆଉ କ୍ୟାରିୟରକୁ ନେଇ ବ୍ୟସ୍ତ। ତେବେ କ’ଣ କଲେ କ୍ୟାରିୟରରେ ସଫଳ ହେବେ ତାକୁ ନେଇ ପାଞ୍ଚଟି କଥା....**

## ଟେନ୍‌ସନ୍

ଅନେକ ସମୟରେ ପିଲାମାନେ ପାଠ ପଢ଼ାକୁ ନେଇ ଟେନ୍‌ସନ୍‌ରେ ରୁହନ୍ତି। ହେଲେ ମନକୁ ଥଣ୍ଡା ରଖି ପଢ଼ନ୍ତୁ। କାରଣ ଟେନ୍‌ସନ୍ ଦ୍ୱାରା ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବାର ଆଶଙ୍କା ରହିଥାଏ। ତେଣୁ କୌଣସି ସମସ୍ୟା ଥିଲେ ତା’ର ସମାଧାନ କିପରି ହେବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ମନକୁ ଶାନ୍ତ ରଖି ପାଠ ପଢ଼ିଲେ ତାହା ବେଶ୍ ଲାଭପ୍ରଦ ହୋଇଥାଏ।

## ସ୍ମରଣ ଶକ୍ତି

କେତେକ ପିଲାଙ୍କର ସ୍ମରଣ ଶକ୍ତିଜନିତ ସମସ୍ୟା ଥାଏ। ସେମାନେ କିପରି ପାଠ ପଢ଼ିବେ ତାକୁ ନେଇ ଆବଶ୍ୟକତାଠାରୁ ଅଧିକ ଚିନ୍ତା କରନ୍ତି। ଏହାଦ୍ୱାରା ସ୍ମରଣ ଶକ୍ତି ପ୍ରଭାବିତ ହୋଇଥାଏ। ତେଣୁ ସବୁବେଳେ ରୁଟିନ୍ ଅନୁସାରେ ପଢ଼ନ୍ତୁ। ପଢ଼ା ସମୟରେ ଏଣୁତେଣୁ ଭାବିବା, ଏହି ସମୟରେ ପାଠପଢ଼ାକୁ ଗୁରୁତ୍ୱ ନ ଦେଇ ଅନ୍ୟ କାମ କରିବା ଦ୍ୱାରା ସବୁକିଛି ଅଡୁଆ ହୋଇଯାଏ। ସ୍ମରଣଶକ୍ତି ବୃଦ୍ଧି ପାଇଁ ମନ ଲଗାଇ ପାଠ ପଢ଼ିବା ଦରକାର। ଯଦି କିଛି ସମସ୍ୟା ଆସିଲା, ତେବେ ତାହାର ସମାଧାନ କରିବାକୁ ଶିକ୍ଷକ କିମ୍ବା ଗୁରୁଜନଙ୍କ ପରାମର୍ଶ ନେଇପାରନ୍ତି।

## ଖାଦ୍ୟପେୟ

ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ନିଜର ବ୍ରେନ୍ ପାୱାର ବଢ଼ାଇବା ଲାଗି ପ୍ରତିଦିନ ଭିଜା ହୋଇଥିବା ଖିସ୍‌ମିସ୍, ଆଲ୍‌ମଣ୍ଡ ସକାଳୁ ଖାଆନ୍ତୁ। ଏଥିରେ ପ୍ରଚୁର ମାତ୍ରାରେ ଆଇରନ୍, ଆଣ୍ଟିଅକ୍ସିଡାଣ୍ଟ ରହିଥିବା ସହିତ ନାଚୁରାଲ ସୁଗାର ରହିଛି। ଏହା ପିଲାମାନଙ୍କ ବ୍ରେନ୍‌କୁ ଏନର୍ଜି ଦେଇଥାଏ। ତା’ସହ ସ୍ମରଣ ଶକ୍ତି ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରିଥାଏ। ଅଖରୋଟ୍‌ରେ ଓମେଗା-୩ ଫ୍ୟାଟି ଏସିଡ୍ ରହିଛି, ଯାହା ବ୍ରେନ୍ ବୁଷ୍ଟର ପରି କାମ କରେ। ଅଖରୋଟ୍‌କୁ ବ୍ରେନ୍ ଫୁଡ ବୋଲି ମଧ୍ୟ କୁହାଯାଏ। ଏଥିରେ ଥିବା ଓମେଗା ଫ୍ୟାଟି ଏସିଡ୍ ପିଲାଙ୍କ ସ୍ମରଣଶକ୍ତି ବଢ଼ାଇବା ଏବଂ ବୁଝିବା ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ। ପ୍ରତିଦିନ ୧-୨ଟି ଅଖରୋଟ୍ ନିହାତି ଖାଇବା ଆବଶ୍ୟକ।

## ଖେଳକୁଦ

ପାଠପଢ଼ାକୁ ଏକ ବୋଝ ବୋଲି କେବେ ଭାବନ୍ତୁ ନାହିଁ। ମନକୁ ହାଲୁକା କରିବା ପାଇଁ କିଛି ସମୟ ଖେଳନ୍ତୁ। ଆଉଟଡୋର୍ ଗେମ୍ ବ୍ୟତୀତ ଇନ୍‌ଡୋର ଗେମ୍ ଖେଳିପାରନ୍ତି। ଏହା ମନକୁ ପ୍ରଫୁଲ୍ଲ ରଖିଥାଏ ଏବଂ ପାଠପଢ଼ା ପ୍ରତି ଅଧିକ ଆଗ୍ରହ ସୃଷ୍ଟି କରିଥାଏ। ହେଲେ ପିଲାମାନେ ଟିଭି, ମୋବାଇଲ୍‌ଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଭଲ।

## କାହାଣୀ ଶୁଣନ୍ତୁ

ପିଲାମାନେ ସେମାନଙ୍କ କ୍ୟାରିୟରକୁ ଅନୁପ୍ରାଣିତ କରିବା ଭଳି କାହାଣୀ ଶୁଣିପାରନ୍ତି। ମାନସିକ ବିକାଶ ଏବଂ ଶାନ୍ତ ମନରେ କ୍ୟାରିୟରକୁ ଆଗକୁ ଆଗେଇ ନେବା ପାଇଁ ୟୁଟ୍ୟୁବ୍‌ରୁ ଶିକ୍ଷଣୀୟ ଭିଡିଓ ଦେଖିପାରନ୍ତି। ଭଲ ଲେଖକଙ୍କ ବହି ଏବଂ ମହାପୁରୁଷଙ୍କ ଜୀବନୀ ପଢ଼ନ୍ତୁ। ଏହା ପିଲାମାନଙ୍କର କ୍ୟାରିୟରକୁ ଆଗକୁ ଆଗେଇ ନେବାରେ କେତେକାଂଶରେ ସହାୟକ ହୋଇପାରିବ।



# ଏମାନେ କ’ଣ କରନ୍ତି..

### ଯୋଜନା ମୁତାବକ ଆଗେଇ ଥାଏ



ଏବେ ମୁଁ ପାଠ ପଢୁଛି। ତେଣୁ କିପରି ନିଜର ଏହି କ୍ୟାରିୟରକୁ ଗଢ଼ିବି ଏବଂ ତାହାକୁ ଆଧାର କରି ମୋ ଭବିଷ୍ୟତ ଗଠନ କରିବି ସେଥିପ୍ରତି ମୁଁ ବେଶ୍ ସଚେତନ। ମୋ ଲକ୍ଷ୍ୟ ପଥରେ ଆଗେଇବା ପୂର୍ବରୁ ମୁଁ ଯୋଜାନ ମୁତାବକ ଆଗେଇଥାଏ। କୌଣସି ସମସ୍ୟା ଦେଖାଦେଲେ ତାହାର ତୁରନ୍ତ ସମାଧାନ କରିଥାଏ। ପାଠ ପଢ଼ିବା ସମୟରେ ଆଦୌ ବିଚଳିତ ହୋଇ ନ ଥାଏ।

*-ଶ୍ରୀପତି ତୋୟେଶ ବେହେରା*
*କ୍ଲାସ-୭, କେନ୍ଦ୍ରୀୟ ବିଦ୍ୟାଳୟ, ଅନୁଗୋଳ*

### ଅସୁବିଧାକୁ ସାହସର ସହ ସାମ୍ନା କରେ



ପାଠ ପଢ଼ା ସମୟରେ ବିଭିନ୍ନ ପ୍ରକାର ବାଧାବିଘ୍ନ ଆସିଥାଏ। ହେଲେ ଏହି ସମୟରେ ମୁଁ ଆଦୌ ଧୈର୍ଯ୍ୟ ହରାଇ ନଥାଏ। ସମସ୍ତ ବାଧାବିଘ୍ନକୁ ସାହସର ସହ ସାମ୍‌ନା କରିଥାଏ। ଏତିକି ବେଳେ ମୁଁ ଶିକ୍ଷକ ଏବଂ ମା-ବାପାଙ୍କ ସହଯୋଗ ଲୋଡିଥାଏ। ମୁଁ ସବୁବେଳେ ରୁଟିନ୍ ମୁତାବକ ପାଠ ପଢ଼େ। ଭବିଷ୍ୟତରେ ଉଚ୍ଚ ଶିକ୍ଷା ପାଇଁ ଲକ୍ଷ୍ୟ ରହିଛି। ତେଣୁ ଏ ନେଇ ନିଜକୁ ଏବେଠାରୁ ପ୍ରସ୍ତୁତ କରିବା ଆରମ୍ଭ କରିଦେଇଛି।

*-ଆଦିତ୍ୟ ମହାପାତ୍ର*
*କ୍ଲାସ-୭, ମଦର୍ସ ପବ୍ଲିକ ସ୍କୁଲ, ପୁରୀ*



୧

ଅନ୍‌ଭୀ
ଅକ୍ଷିତା ପରିଡ଼ା
କ୍ଲାସ- ୫, ହରିୟାଣା ବିଦ୍ୟାମନ୍ଦିର, କୋଲକାତା



୨

ଦମୟନ୍ତି ଟୁଡୁ
କ୍ଲାସ- ୪, ସରକାରୀ ଉଚ୍ଚ ବିଦ୍ୟାଳୟ, ଅଦାପାଳ, ଉଦଳା, ମୟୂରଭଞ୍ଜ



୩

ଆହିଲ ସାହୁ
କ୍ଲାସ-୧, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପଦ୍ମପୁର, ବରଗଡ଼



୪

ଉପମିତା ଦାସ
କ୍ଲାସ-୪, କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର



୫

ରଚନା ନାଏକ
କ୍ଲାସ-୬, ହାତିସରା ପ୍ରାଇମେରୀ ସ୍କୁଲ, ଦେଓଗାଁ, ବଲାଙ୍ଗୀର



୬

ତନ୍ମୟୀ ତପସ୍ୱିନୀ ପ୍ରଧାନ
କ୍ଲାସ-୧, ଶ୍ରୀ ବିଦ୍ୟାବାଟିକା, ତାଳବସ୍ତ



୭

ଜିସାନ୍ତ ପଟ୍ଟନାୟକ
କ୍ଲାସ- ୨, ବିଜେଇଏମ୍ ସ୍କୁଲ, ବିଜେବି ନଗର, ଭୁବନେଶ୍ୱର



୮

ରୋନଭ ଅଗ୍ରୱାଲ
କ୍ଲାସ-୫, ଡିଏଭି ପବ୍ଲିକ ସ୍କୁଲ, ସିଡିଏ, ସେକ୍ଟର-୬, କଟକ



୧



୨




୭




୩



୪



୫



୬



୮



# କ ବି ତା

## ଶୀତ ସକାଳ

ସଅଳ ଆସି ଚାଳରେ ବସି
ଡାମରା କାଉ ରାବେ
ଘୁରି ବୁଲଇ ଘରଚଟିଆ
ସକାଳ ଆସେ ଯେବେ।
ରାତି ପ୍ରହରୁ ଶିଶିର ଝରି
ଭିଜି ଯାଇଛି ମାଟି
ଟିକିଏ ପରେ ଉଇଁଲେ ରବି
କୁହୁଡ଼ି ଯିବ ହଟି।
ପିଠି ଆଉଜି ବସିଛି ଅଜା
ଆଣ୍ଠୁରେ ମୁଣ୍ଡ ଜାକି
ଆସିବ କେବେ କଅଁଳ ଖରା
ଆତୁରେ ଅଛି ଚାକି।
ଗଡ଼ି ଯାଉଛି ଗାଧୁଆ ବେଳ
ଶୀତକୁ ଲାଗେ ଡର
କାକରଭରା ଶୀତ ସକାଳ
ଆହାଃ କି ମନୋହର।

**– ସୁହଂସ ଭୋଇ**
ପହଣ୍ଡି, ବିଜେପୁର, ବରଗଡ଼
ମୋ: ୯୪୩୭୫୨୨୪୫୫

## କଲମ ମୋହରି ନାମ

କଲମ ମୋହରି ନାମ,
କାଗଜ ଉପରେ ନିରିମଳ ଭାବେ
ଚାଲିବା ମୋହରି କାମ।
ସମସ୍ତଙ୍କ ଘରେ ପ୍ରତି ଅନୁଷ୍ଠାନେ
ଥାଏ ମୁଁ ସାଇତା ହୋଇ,
ସବୁ ସମୟରେ କାର୍ଯ୍ୟ କରିଥାଏ
ପଡ଼େନାହିଁ କେବେ ଶୋଇ।
ବିଭିନ୍ନ ରଙ୍ଗର ଅଟେ ମୋ ଶରୀର
ଦିଶେ ମୁଁ ସୁନ୍ଦର ଭାରି,
କାଳି ଥିବାଯାଏ ଦେହରେ ମୋହର
ଯାଏ ନାହିଁ କେବେ ହାରି।
ମୋ ପାଇଁ ପିଲା ଅତି ସହଜରେ
ଛୋଟବେଳୁ ପାଠ ପଢ଼େ,
ଶିକ୍ଷିତ ହୋଇ ସେ ଦିନେ ଏ ସମାଜେ
ନିଜ ଭବିଷ୍ୟତ ଗଢ଼େ।
ମଣିଷମାନଙ୍କ ବନ୍ଧୁଟିଏ ହୋଇ
ପକେଟ୍‌ରେ ଥାଏ ନିତି,
ଦରକାର ବେଳେ ସେବା କରି ତାଙ୍କ
ମନକୁ ନିଏ ମୁଁ ଜିତି।

**– ଡ. ଧୀରେନ୍ଦ୍ର କୁମାର ମଲ୍ଲିକ**
ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
ମୋ: ୭୯୦୪୩୯୨୬୮୬



## ବିଦ୍ୟାଳୟ

ଶିକ୍ଷକ ଯେଉଁଠି ପଢ଼ାନ୍ତି ପାଠ
ଆସ୍ଥାନଟି ମା' ସରସ୍ୱତୀଙ୍କ ପୀଠ,
ଗୁରୁ ଶିଷ୍ୟ ସମ୍ପର୍କ ଯହିଁ
ବିଦ୍ୟାଳୟ ପରା ଅଟଇ ସେହି।
ଶିଶୁଙ୍କ ଭବିଷ୍ୟତ କାରଖାନା
ଶିଶୁ ହୁଏ ଦେଶର ସମ୍ଭାବନା,
ଶିକ୍ଷକ ଶିଶୁଙ୍କ ଆଦର୍ଶ ପାଇଁ
ମୂଲ୍ୟବୋଧ ଶିକ୍ଷା ଦିଅନ୍ତି ଠାଇଁ।
ବୋଲକରା ଶିଶୁ ପାଆନ୍ତି ସିଦ୍ଧି
ଅବୋଲକରା ଯେ ପାଆନ୍ତି ବୁଦ୍ଧି,
ହସ ଖେଳ ସଙ୍ଗେ ବିଜ୍ଞାନ ଅଙ୍କ
ସାହିତ୍ୟ ଇଂଲିଶ ଅବା ମାନସାଙ୍କ।
ପରିବେଶ ତା'ର ବଡ଼ ସୁନ୍ଦର
ବିଦ୍ୟାଳୟ ଅଟେ ଶିକ୍ଷା ମନ୍ଦିର,
ଆମେ ସବୁ ଭାଇ ଭଉଣୀ ମିତ
କିଏ କହେ ସାଙ୍ଗ କିଏ ସଙ୍ଗାତ।
ବିଦ୍ୟାଳୟ ଅଟେ ଶିକ୍ଷା ଶକତି
ଶିକ୍ଷାରୁ ମିଳେ ଯେ ଗତି ମୁକତି।

**– ଅନନ୍ୟା ଷଡ଼ଙ୍ଗୀ**
କ୍ଲାସ–୯, ରା. ଉଦୟଗିରି, ଗଜପତି
ମୋ: ୯୭୭୮୬୭୩୪୩୪

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ





### ବ୍ୟାକଫ୍ଲିପ୍ ଷ୍ଟଣ୍ଟ

ଜିମ୍ନାଷ୍ଟମାନଙ୍କ ବ୍ୟାକଫ୍ଲିପ୍ ଦେଖିଲେ ମନ ଯେତିକି ରୋମାଞ୍ଚିତ ହୁଏ ସେତିକି ଭୟ ବି ସୃଷ୍ଟି ହୁଏ। କିନ୍ତୁ ଏସବୁ ରୋମାଞ୍ଚିତ କଳାକୌଶଳ ଅନେକ ସମୟରେ ଆଶ୍ଚର୍ଯ୍ୟ ବି କରିଥାଏ। ଆଉ କେତେକ ଏଭଳି କିଛି କଳାକୌଶଳ ପ୍ରଦର୍ଶନ କରିଥାନ୍ତି ଯାହା ରେକର୍ଡ ପାଲଟିଯାଏ। ଏମିତି କିଛି କରି ଦେଖାଇଛନ୍ତି ଆମେରିକାର ଆସ୍‌ଲେ ୱାଷ୍ଟନ୍। ୬ ମିଟର ଦୂରତାରେ ଥିବା ଦୁଇଟି ଖୁଣ୍ଟ ମଧ୍ୟରେ ସେ ଦ୍ରୁତତମ ବ୍ୟାକଫ୍ଲିପ୍ କରି ଗିନିଜ୍ ରେକର୍ଡରେ ନିଜ ନାମ ସାମିଲ କରିଛନ୍ତି। ୨୦୧୮ ମସିହାରେ ସେ ଏଭଳି ଏକ ବିରଳ ଦକ୍ଷତାର ପ୍ରଦର୍ଶନ କରିଥିଲେ। ଆସ୍‌ଲେ ପ୍ରଥମେ ଜିମ୍ନାଷ୍ଟିକ୍ ଟ୍ରେନିଂ ନେଇଥିଲେ। ଏହାପରେ ତାଙ୍କୁ ଏଭଳି ରୋମାଞ୍ଚଭରା କୌଶଳ ଦେଖାଇବାକୁ ଭଲ ଲାଗୁଥିଲା। ତେଣୁ ସେ ସେହି କ୍ଷେତ୍ରରେ ଅଭ୍ୟାସ ଜାରି ରଖିଲେ। ବାରମ୍ବାର ଏଭଳି ଅଭ୍ୟାସ କରିବା ପରେ ବହୁ ଦୁଃସାହସିକ ଷ୍ଟଣ୍ଟ ସବୁ ସହଜରେ କରିପାରୁଥିଲେ। ଫଳରେ ତାଙ୍କ ଆତ୍ମବିଶ୍ୱାସ ଢେର୍ ବୃଦ୍ଧି ପାଇଥିଲା ଓ ଖୁବ୍ କମ୍ ସମୟ ମଧ୍ୟରେ ସେ ଗୋଟିଏ ପଟରୁ ଅନ୍ୟ ପଟକୁ ଡେଇଁ ପାରିଥିଲେ। ଏହି କଳାକୌଶଳ ପ୍ରଦର୍ଶନ କରି ସେ ଗିନିଜ୍ ରେକର୍ଡ କରିବାକୁ ସକ୍ଷମ ହୋଇଛନ୍ତି।

## ଏଥରର ?

- କେଉଁ ଦେଶରେ ସବୁଠୁ ଅଧିକ ଦ୍ୱୀପ ରହିଛି ?
- ସ୍ଥଳଭାଗରେ ଏଭଳି କେଉଁ ସ୍ଥାନ ରହିଛି ଯେଉଁଠାରେ ଚାରୋଟିଯାକ ହେମିସ୍ଫିଅର ରହିଛି ?
- ବିଶ୍ୱର ସବୁଠୁ ବଡ଼ ଝରଣା ଆଞ୍ଜେଲ ଫଲ୍‌ସ କେଉଁଠାରେ ଅବସ୍ଥିତ ?
- ଆମେରିକାର କେଉଁ ରାଜ୍ୟରେ ୧୦,୦୦୦ରୁ ଅଧିକ ଦ୍ୱୀପ ରହିଛି ?
- କେଉଁ ମହାସାଗରକୁ 'ସି ଅଫ୍ ଆଟ୍‌ଲାସ୍' କୁହାଯାଏ ?

## ଗତଥରର ଉ ତ୍ତ ର



- ଲେଡି ଗାଗା
- ଚାର୍ଲସ ଡାରୱିନ୍
- ରୋମ୍
- ତାଞ୍ଜାନିଆ
- କୋଲୋରାଡୋ ନଦୀ

## କହିଲ ଦେଖି

ଦୁଇ ଅକ୍ଷରେ ନାମଟି ତା'ର
ତା ନାମ ଶୁଣିଲେ ଲୋକଙ୍କ ଡର
ପବନ ବହିଲେ ହେଉ ଥର ଥର
ଯିଏ କହିବ ସିଏ ଚତୁର ?



ଉତ୍ତର – **ଶୀତ**

ଚାଷୀ ଭାଇର ଅମୂଲ ମୂଲ
ଏହି ଋତୁରେ କରେ ଅମଳ
ପେଟକୁ ଆମର ଯୋଗାଏ ଦାନା
କିଏ କହିବ କାଳିଆ ସୁନା ?



ଉତ୍ତର – **ଧାନ**

ଛଅ ଋତୁରେ ସେ ରହିଅଛି
ପଞ୍ଚମ ସ୍ଥାନରେ ବାସ କରିଛି
ବୁଲା ବୁଲି ପାଇଁ ଭଲ ଋତୁଟି
କିଏ କହିବ ସୁନ୍ଦର ନାମଟି ?



ଉତ୍ତର – **ଶୀତଋତୁ**

ଶରୀରକୁ ସିଏ ଦିଏ ଘୋଡାଇ
ପେଡିରେ ରୁହେ ସାଇତା ହୋଇ
ଶୀତ ଆସିଲେ ବାହାରେ ସେହି
ବଡ଼ ଉଷୁମ ଦିଅଇ ଭାଇ
ଦିଅ ତା'ର ନାମ ବତାଇ ?



ଉତ୍ତର – **ଶୀତ ପୋଷାକ**

**– ସୁନୀଲ କୁମାର ପ୍ରଧାନ**
ଝିଟିପଦର, ପାଲୁର, ଗଂଜାମ
ମୋ: ୭୬୦୯୯୩୪୩୬୬



## କାହାକୁ କୁହାଯାଏ

| | |
|---|---|
| ସିଟି ଅଫ୍ ଡ୍ରିମ୍‌ସ : | ମୁମ୍ବାଇ |
| ସିଟି ଅଫ୍ ପ୍ୟାଲେସ୍ : | ଜୟପୁର(ରାଜସ୍ଥାନ) |
| ଗେଟ୍‌ୱେ ଅଫ୍ ସାଉଥ ଇଣ୍ଡିଆ : | ଚେନ୍ନାଇ |
| କୁଇନ୍ ଅଫ୍ ଡେକାନ୍ : | ପୁଣେ |
| ମାଞ୍ଚେଷ୍ଟର ଅଫ୍ ଇଣ୍ଡିଆ : | ଅହମ୍ମଦାବାଦ |
| କଟନ ସିଟି : ଆକୋଲା | (ମହାରାଷ୍ଟ୍ର) |
| କୁଇନ୍ ଅଫ୍ ହିଲ୍‌ସ : | ଦାର୍ଜିଲିଂ (ପଶ୍ଚିମବଙ୍ଗ) |

## ଦାମୀ କଇଁଛ



ବିଶ୍ୱର ସବୁଠାରୁ ଦାମୀ କଇଁଛର ଦାମ୍ ଶୁଣି ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବେ। ଅନେକ ପ୍ରଜାତିର କଇଁଛ ଅଛନ୍ତି। କିଛି ଛୋଟ କଇଁଛ ଥିବା ବେଳେ ଆଉ କେତୋଟି ବଡ଼ କଇଁଛ ଦେଖିବାକୁ ମିଳିଥାଏ। କିନ୍ତୁ କେବେ ତୁମେ ସବୁଠାରୁ ଦାମୀ କଇଁଛ ବିଷୟରେ ଶୁଣିଛ। ଏଠାରେ ଯେଉଁ କଇଁଛ ବିଷୟରେ ସୂଚନା ଦିଆଯାଉଛି, ତାହାର ନାମ ହେଉଛି ରେଡ୍ ଫୁଟେଡ୍ ଟରଟଏଜ୍। ଏହି କଇଁଛର ଶାରୀରିକ ଗଠନ ବେଶ୍ ଆକର୍ଷଣୀୟ। ହେଲେ ଗୋଟିଏ କଥା ଜାଣିଛ ? ଏହି କଇଁଛର ଦାମ୍ ପ୍ରାୟ ଲକ୍ଷେ ଟଙ୍କାରୁ ଅଧିକ ହେବ। ଏମାନେ ଦକ୍ଷିଣ ଆମେରିକାର ଉତ୍ତର ଭାଗରେ ଦେଖିବାକୁ ମିଳିଥାନ୍ତି।




## ରଙ୍ଗ ବଦଳାଉଥିବା ସାପ

ପିଲାମାନେ! ତୁମେ ତ ଏଣ୍ଡୁଅ ରଙ୍ଗ ବଦଳାଉଥିବାର ଶୁଣିଥିବ ଏବଂ ଜାଣିଥିବ ମଧ୍ୟ। କିନ୍ତୁ ଏପରି ଏକ ସାପ ଅଛି, ଯିଏକି ଏଣ୍ଡୁଅ ପରି ରଙ୍ଗ ବଦଳାଏ। ବିଶ୍ୱରେ ଅନେକ ପ୍ରଜାତିର ସାପ ଦେଖିବାକୁ ମିଳିଥାନ୍ତି। ସେମାନଙ୍କ ମଧ୍ୟରୁ କେତେକ ବିଷଧର ହୋଇଥାନ୍ତି। ଏହି ବିଷଧର ସାପଟିର ନାମ ଇନ୍‌ଲାଣ୍ଡ ତାଇପେନ୍। ଏହା ଏପରି ଏକ ସାପ, ଯିଏକି ନିଜ ରଙ୍ଗ ଏଣ୍ଡୁଅ ପରି ବଦଳାଉଥାଏ। ଉକ୍ତ ସାପଟି ପରିବେଶର ବାତାବରଣ ଅନୁଯାୟୀ ନିଜ ରଙ୍ଗ ବଦଳାଇଥାଏ। ସାପଟିର ଲମ୍ବ ୧.୮ ମିଟର ପର୍ଯ୍ୟନ୍ତ ହୋଇଥାଏ। ଖାଦ୍ୟରେ ଏମାନେ ଛୋଟ ମୂଷା, ଝିଟିପିଟି ଆଦି ଖାଇଥାନ୍ତି। ଉକ୍ତ ସାପ ଯାହାକୁ ଦଂଶନ କରନ୍ତି କିଛି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ହୋଇଥାଏ।

## ଡଲ୍‌ଫିନ୍

ଡଲ୍‌ଫିନ୍ ଏକ ସ୍ତନ୍ୟପାୟୀ ପ୍ରାଣୀ। ଏମାନେ ମାଛ ଏବଂ ସମୁଦ୍ର ମଧ୍ୟରେ ରହୁଥିବା କେତେକ ଜୀବକୁ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି। ଖାଇବା ସମୟରେ ପ୍ରଥମେ ଖଣ୍ଡ ଖଣ୍ଡ ଆକାର କରିବା ପରେ ଖାଇଥାନ୍ତି। ଏମାନଙ୍କୁ ସମୁଦ୍ରର ସବୁଠାରୁ ବୁଦ୍ଧିମାନ୍ ଜୀବ ବୋଲି କୁହାଯାଏ। ଡଲ୍‌ଫିନ୍ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ ଲାଗି ବିଭିନ୍ନ ପ୍ରକାର ଶବ୍ଦ ବାହାର କରିବା ସହିତ ହୁଇସିଲ ପରି ଶବ୍ଦ କରିଥା'ନ୍ତି। ଏମାନେ ଏକାଠି ରହିବାକୁ ପସନ୍ଦ କରିଥାନ୍ତି। ଏମାନଙ୍କ ଗ୍ରୁପ୍‌କୁ ପଡ୍ କୁହାଯାଏ। ପ୍ରଜାତି ଅନୁଯାୟୀ ତାଙ୍କର ଦାନ୍ତସଂଖ୍ୟା ୨୪–୨୫୦ ପର୍ଯ୍ୟନ୍ତ ହୋଇଥାଏ। ଏମାନେ କ୍ଷିପ୍ର ବେଗରେ ପହଁରିପାରନ୍ତି।



# ଆଇନା





ନୟାଶା ବିଶ୍ୱାଳ
୬ ବର୍ଷ/ ଭୁବନେଶ୍ୱର

ସାଇ ସାନ୍ଭୀ ପାଲ
୮ ବର୍ଷ/ କଟକ